# Akashvani, Sambalpur

## SAMBALPURI NEWS EVENING BULLETIN

## 12 May 2025- 7.02 pm- 7.12 pm.

*********************************************

୧- ଭାରତ୍ ଆଉ ପାକିସ୍ତାନ୍ ଭିତ୍‌ରେ ଅସ୍ତ୍ରବିରତି ଆଉ ଅପରେସନ୍ ସିନ୍ଦୁର୍‌କେ ନେଇକରି ଆଏଜ୍ ରାତିର୍ ୮ ବଜେ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ଭାରତ୍‌ର ଲଢ଼େଇ ପାକିସ୍ତାନ୍ ସେନାର୍ ସଙ୍ଗେ ନୁହେଁ, ଆତଙ୍କବାଦ୍ ଆର୍ ସେମାନ୍‌କୁ ସମର୍ଥନ୍ କରୁଥିବା ଶକ୍ତିର୍ ବିରୋଧ୍‌ଥି - କହେଲେ ଏୟାର୍ ମାର୍ସଲ୍ ଏ.କେ. ଭାରତୀ ।

୩- ସାରା ରାଏଜେ ଅଲଚିକି ଲିପିର ଶହେ ବଛର୍ ପୂର୍ତ୍ତି ସମାରୋହ ଆଏବା ବଛ୍‌ରେ ତକ୍ ପାଲନ୍ କରାଯିବା- ସୂଚନା ଦେଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ଦକ୍ଷିଣ ପଶ୍ଚିମ ମୌସୁମୀ ଆଏବା ୨୪ ଘଂଟା ଭିତ୍‌ରେ ପୁହୁଁଚିବା ଆଣ୍ଡାମାନ୍- ଅନୁମାନ୍ କଲା ପାଣିପାଗ୍ ବିଭାଗ୍ ।

ଅପରେସନ୍ ସିନ୍ଦୁର୍        ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ରାତିର୍ ୮ ବଜେ ଦେଶ୍‌ବାସୀଙ୍କୁ ଉଦ୍‌ବୋଧନ୍ ଦେବେ । ଆତଙ୍କବାଦୀ ଘଟ୍‌ନା ଉତ୍‌ରୁ ଭାରତ୍ ତର୍‌ଫୁ କରାଯାଇଥିବା ଅପରେସନ୍ ସିନ୍ଦୁର୍‌କେ ନେଇକରି  ପ୍ରଧାନ୍‌ମନ୍ତ୍ରୀ ଉଦ୍‌ବୋଧନ୍ ଦେବେ ।

ତାର୍ ଆଘୋନୁ ଆଏଜ୍ ଦିନ୍‌ବେଲା ପ୍ରଧାନ୍‌ମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ନୂଆଦିଲ୍ଲୀ ତାଙ୍କର୍ ଆବାସିକ୍ କାର୍ଯ୍ୟାଲୟ ନ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ବସିଥିଲା । ବୈଠକ୍‌ଥି ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ, ବୈଦେଶିକ୍ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ଏସ୍. ଜୟଶଙ୍କର୍, ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ୍ ଡୋଭାଲ୍, ସି.ଡି.ଏସ୍. ଜେନେରାଲ୍ ଅନୀଲ୍ ଚୌହାନ୍, ତିନ୍‌ହି ସେନା ମୁଖ୍ୟ ଆଉ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ସେଆଡ଼େ ଆଏଜ୍ ଉପର୍‌ବେଲା ଭାରତ୍- ପାକିସ୍ତାନ୍ ସାମରିକ ଅଭିଯାନ୍ ମହାନିର୍ଦ୍ଦେଶକ୍ ଡି.ଜି.ଏମ୍.ଓ. ମାନ୍‌କର୍ ଭିତ୍‌ରେ ଆଲୋଚନା ହେଇଯାଇଛେ ।

ଇତାର୍ ଆଘୋନୁ ଅପରେସନ୍ ସିନ୍ଦୁର୍‌ଥି ପାକିସ୍ତାନ୍ ବିରୋଧ୍ ନ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ୍ ବାବ୍‌ଦେ ତିନ୍‌ହି ସେନାର୍ ଡି.ଜି.ଏମ୍.ଓ.ଙ୍କର୍ ସାମ୍ବାଦିକ୍ ସମ୍ମିଳନୀଥି ସୂଚ୍‌ନା ଦେଇଯାଇଛେ । ବାୟୁସେନାର୍ ମହାନିର୍ଦ୍ଦେଶକ୍ ଏୟାର୍ ମାର୍ସଲ୍

ଏ.କେ. ଭାରତୀ କହିଛନ୍, ଆମର୍ ଯୁଦ୍ଧ ପାକିସ୍ତାନ୍ ବିରୋଧିରେ ନୁହେଁ, ଆତଙ୍କବାଦ୍ ବିରୋଧିରେ ଚାଲିଛେ ।

ମାତରକ ପାକିସ୍ତାନ୍ ଆତଙ୍କବାଦୀମାନ୍କୁ ସହଯୋଗ୍ କର୍ବାର୍ ସହେତେ ଭାରତୀୟ ସେନା ସଙ୍ଗେ ଲଡ୍ବାର୍ ଲାଗି ଆଗ୍କେ ଆସିଥିଲା ।

(ଭଏସ୍ ଓଭର୍-ଏୟାର୍ ମାର୍ସଲ୍ ଏ.କେ. ଭାରତୀ)

ଏୟାର୍ ମାର୍ସଲ୍ ଏ.କେ. ଭାରତୀ କହିଛନ୍ ଯେ, ଭାରତ୍‌ର ସ୍ୱଦେଶୀ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଆଉ ଆକାଶ୍ ସିଷ୍ଟମ୍ ଚମହାର୍ ପ୍ରଦର୍ଶନ୍ କରିକରି ପାକିସ୍ତାନ୍ ବିରୋଧିରେ ଲଢ଼େଇରେ ଆମ୍କୁ ସଫଲତା ଆନିଦେଇଛେ । ପାକିସ୍ତାନ୍ ତରଫୁ ଆସିଥିବା ଡ୍ରୋନ୍ ଆଉ ଯୁଦ୍ଧ ବିମାନ୍ ମାନ୍କୁ ଭାରତ୍‌ର ସ୍ୱଦେଶୀ ପ୍ରତିରକ୍ଷା କୌଶଲ୍ ନିଷ୍କ୍ରିୟ କରିଦେଇଥିଲା ବଲି ଏୟାର୍ ମାର୍ସଲ୍ କହିଛନ୍ ।

ସମ୍ମିଲନୀରେ ସ୍ଥଲସେନାର୍ ଡି.ଜି.ଏମ୍.ଓ. ଲେପ୍ଟେନାଂଟ୍ ଜେନେରାଲ୍ ରାଜୀବ୍ ଘାଇ କହିଛନ୍, ପାକିସ୍ତାନ୍ ସେନା କେଭେଭିଲ୍ ଭାରତ୍‌ର ବାୟୁ ପ୍ରତିରକ୍ଷା ପ୍ରଣାଳୀକେ ଭେଦ ନାଇଁ କରିପାରେ । ଭାରତୀୟ ସେନା ପାଖେ ଚାର୍‌ହିଆଡ଼େ ସୁରକ୍ଷା କବଚ୍ ରହିଥିବାର୍‌ନୁ ପାକିସ୍ତାନ୍ ସେନା ଆମର୍ କିଛି କ୍ଷତି ନାଇଁ କରିପାରେ ବଲି ଲେପ୍ଟେନେଂଟ୍ ଜେନେରାଲ୍ ଶ୍ରୀ ଘାଇ କହିଛନ୍ ।

(ଭଏସ୍ ଓଭର୍-ଲେପ୍ଟେନାଂଟ୍ ଜେନେରାଲ୍ ରାଜୀବ୍ ଘାଇ)

କ୍ଷେପଣାସ୍ତ୍ରର୍ ଭଙ୍ଗା ଅଂଶ ବାବ୍‌ଦେ ଏୟାର୍ ମାର୍ସଲ୍ ଏ.କେ. ଭାରତୀ ସୂଚ୍‌ନା ଦେଇକରି ପାକିସ୍ତାନ୍ ସେନା ଚୀନ୍ ତିଆରି

କ୍ଷେପଣାସ୍ତ୍ର ବେଭାର୍ କରୁଛେ ବଲି କହିଛନ୍ । କେନ୍‌ସି ଭିଲ୍ ପ୍ରକାର୍ ଥିତିର୍ ଲାଗି ତିନ୍‌ହି ସେନା ତୟାର୍ ରହିଛେ ବଲି ସମ୍ମିଲନୀଥି କୁହାଯାଇଛେ ।

ମୁଖ୍ୟମନ୍ତ୍ରୀ- ଅଲଚିକି ଭାଷା ସିଏମ୍‌ଓ

ସାନ୍ତାଳି ଭାଷାର ଲିପି ଅଲଚିକି ଉଦ୍ଭାବନର ଶହେ ବଛର୍ ପୂର୍ତି ଆଉ ଇତାର୍ ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର୍ ଶହେ ୨୦ ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ୍ ମୟୁର୍‌ଭଞ୍ଜ୍ ଜିଲ୍ଲା ରାଇରଙ୍ଗ୍‌ପୁର୍ ମହୁଲ୍‌ଡିହାଠାନେ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜିଲ୍ଲାର୍ ଦାଣ୍ଡବୋଷ ଇଲାକା ନ ଥିବା ପଣ୍ଡିତ୍ ମୁର୍ମୁଙ୍କର୍ ଘର୍‌କେ ସ୍ମାରକୀ ତୀର୍ଥସ୍ଥଲ୍ ଆଉ ତାଙ୍କର୍ ସମାଧୀ ପୀଠକେ ଐତିହ୍ୟ ସ୍ମୃତି ପୀଠ ଭାବେ ବିକଶିତ୍ କରାଯିବା ବଲି ଘୋଷ୍‌ନା କରିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ଅଲଚିକିର ଶହେ ବଛର୍ ପୂରଣ୍ ସମାରୋହକେ ବର୍ଷେତକ୍ ସାରା ରାଏଜେ ପାଲନ୍ କରାଯିବାର୍ ସହେତେ ସାନ୍ତାଳି ଭାଷାର୍ ପ୍ରଚାର୍ ପ୍ରସାର୍ ଲାଗି ଅନ୍ତର୍ଜାତୀୟ ସେମିନାର୍ ଆୟୋଜନ୍ କରାଯିବା । ବାରିପଦା ନ ଅଲଚିକି ଲାଇବ୍ରେରୀ ଥାପ୍‌ନା, ପଣ୍ଡିତ ରଘୁନାଥ ମୁର୍ମୁ ଓପନ୍ ଥିଏଟର୍ ସଂଗ୍ରହାଲୟ ଆଉ ତାଙ୍କର୍ କର୍ମଭୂମି ଠାନେ ଐତିହ୍ୟ ଭବନ୍ ଥାପ୍‌ନା

କରାଯିବା ବଲି ମୁଖ୍ୟମନ୍ତ୍ରୀ ଇ ଅବ୍ସରେ କହିଛନ୍ । ଇ ସବୁର୍ ଲାଗି ୫୦ କୋଟି ଟଙ୍କାର୍ ପେକେଜ୍‌କେ ମୁଖ୍ୟମନ୍ତ୍ରୀ ଘୋଷ୍ନା କରିଛନ୍ ।

ସେଆଡ଼େ ବିଧାନ୍‌ସଭା ପରିସର୍ ନ ପଣ୍ଡିତ୍ ରଘୁନାଥ ମୁର୍ମୁ ଜୟନ୍ତୀ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବିଧାୟକ୍ ଆର୍ ନେତାମାନେ ଯୋଗ୍ ଦେଇକରି ପଣ୍ଡିତ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଥିଲେ ।

ଜଷ୍ଟିସ୍ ଶ୍ରୀପଦଙ୍କର୍ ଶପଥ୍ ପାଠ ହି.ସ.

ଜଷ୍ଟିସ୍ ଦିକ୍ଷିତ୍ କୃଷ୍ଣ ଶ୍ରୀପଦ ଆଏଜ୍ ଓଡ଼ିଶା ହାଇକୋର୍ଟର ବିଚାର୍‌ପତି ଭାବେ ଶପଥ୍ ନେଇଛନ୍ । କଟକ୍ ଉଚ୍ଚନ୍ୟାୟାଳୟ ପରିସର୍ ନ ହେଇଥିବା ଶପଥ୍ ସମାରୋହଥି ମୁଖ୍ୟବିଚାର୍‌ପତି ହରିଶ୍ ଟଣ୍ଡନ୍ ଜଷ୍ଟିସ୍ ଶ୍ରୀପଦଙ୍କୁ ଶପଥ୍ ପାଠ୍ କରେଇଛନ୍ । ଇ ଅବ୍ସରେ ଅଲ୍‌ଗା ବିଚାର୍‌ପତି, ବରିଷ୍ଠ ଓକିଲ୍ ଆର୍ କୋର୍ଟର ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ମୋହନ୍ ଭାଗ୍‌ବତ୍ -ଓଡ଼ିଶା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସର ସଂଘ ଚାଳକ ମୋହନ୍ ଭାଗ୍‌ବତ୍ ଆଏଜ୍ ଠାନୁ ୪ ଦିନିଆ ଓଡ଼ିଶା ଗସ୍ତଥି

ଆସିଛନ୍ । ବେଲ୍‌ବୁଡ଼ର୍ ୬ ବଜେ କଟକ୍ ଗତିରାଉତପାଟଣା ସରସ୍ଵତୀ ଶିଶୁମନ୍ଦିର ନ ଆୟୋଜିତ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଛନ୍ । ଆଏବା ୧୬ ତାରିଖ୍‌ତକ୍ ଶ୍ରୀ ଭାଗ୍‌ବତ୍ ରାଏଜେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ବୁଦ୍ଧ ପୂର୍ଣ୍ଣିମା ଆର୍‌ଏନ୍‌ୟୁ /ସମ୍ବଲପୁର/ ଏନ୍‌ଏସ୍‌ଡି

ସତ୍ୟ ଆଉ ଅହିଂସାର ବାଟ୍ ଦେଖଉଥିବା ଭଗବାନ୍ ବୁଦ୍ଧଙ୍କର୍ ଜୟନ୍ତୀ ସାରା ପୁର୍‌ଥି ନ ପାଲନ୍ କରାଯାଉଛେ । ଆଏଜ୍ ହେଉଛେ ଭଗବାନ୍ ବୁଦ୍ଧଙ୍କର୍ ଜନମ୍ ତିଥି ସହେତେ ମୋକ୍ଷ ପାଏବାର୍ ଦିବସ୍ । ଆଝିରର୍ ଦିନେ ଭଗବାନ ବୁଦ୍ଧ ବୋଧଗୟାର୍ ମହାବୋଧି ଗଛ୍ ତଲେ ନିର୍ବାଣ ପ୍ରାପ୍ତି କରିଥିଲେ । ଆଝିରର୍ ଦିନ୍‌କେ ଭାରତ୍ ସହେତେ ସାରା ଦକ୍ଷିଣ ଆଉ ଦକ୍ଷିଣ ଏସିଆ ନ ଭେଷକ ଉଛବ୍ ଭାବେ ପାଲନ୍ କରାଯାଏସି ।

ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍, ବୁଦ୍ଧ ଦେଖେଇଥିବା ସତ୍ୟ, ସମାନତା, ଶାନ୍ତି- ମାନବତାର୍ ମାର୍ଗଦର୍ଶକ୍ ହେଇଆସିଛେ, ଯେନ୍‌ଟାକି ପୁର୍‌ଥିର୍ ଲୁକ୍‌କୁ ଦୟା ଆଉ ଶାନ୍ତିର୍ ଲାଗି ପ୍ରେରଣା ଦଉଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବୁଦ୍ଧ ପୂର୍ଣ୍ଣିମା ଅବ୍‌ସରେ ସମ୍‌କୁ ଶୁଭେଚ୍ଛା ଜନେଇକରି ବୁଦ୍ଧ ଦେଖେଇଥିବା ସତ୍ୟ, ଶାନ୍ତି

ଆଉ ଅହିଂସାର୍ ବାଟ୍ ପୁର୍‌ଥି ନ ଶାନ୍ତି ଥାପ୍‌ନା ସାଙ୍ଗେ ସୁଖ ସମୃଦ୍ଧି ଭରିଦଉ  ବଲି କହିଛନ୍ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍, ଆଝିରର୍ ଦିନ୍ ଖାଲି ଭଗବାନ୍ ବୁଦ୍ଧଙ୍କର୍ ଜନ୍ମ, ଜ୍ଞାନପ୍ରାପ୍ତିର ସୁର୍‌ତା ଦିନ୍ ନୁହେଁ- ଇଟା ମୁନୁଷ୍‌କୁ ଜୀବନ୍‌ର ସତ୍, ଅହିଂସା ଆର୍ ଦୟାର୍ ବାଟେ ଯିବାର୍‌କେ ତହଁକାସି ।

ସନ୍ଥକବି ଭୀମଭୋଇଙ୍କର୍ ଜୟନ୍ତୀ        ସୁବର୍ଣ୍ଣପୁର୍/ ବୌଦ୍ଧ/

ସନ୍ଥକବି ଭୀମଭୋଇଙ୍କର୍ ଜୟନ୍ତୀ ଆଏଜ୍ ସାରା ରାଏଜେ ପାଳନ୍ କରାଯାଉଛେ । ସୁବର୍ଣ୍ଣପୁର୍ ଜିଲ୍ଲା ସନ୍ଥକବିଙ୍କର୍ ଜନମ୍‌ଠାନ୍ ଜଟେସିଂହା ସହେତେ ଖଲିଆପାଲି ସମାଧିପୀଠ ନ ଜୟନ୍ତୀ ସମାରୋହ ପାଲିତ୍ ହେଇଛେ । ଶୂନ୍ୟ ସ୍ୱରୂପ ଆଉ ଭୀମଭୋଇ ସ୍ମୃତି ସଂସଦ୍ ତର୍‌ଫୁ କବିଙ୍କର୍ ଜନମ୍ ଜାଗାନ ଥିବାର୍ ପ୍ରତିମୂର୍ତ୍ତି ନ ଫୁଲ୍‌ମାଲ୍ ଦିଆଯାଇଥିଲା । ସେନ୍ତା ଖଲିଆପାଲି ସମାଧିପୀଠ ନ ମହିମାଧର୍ମୀ ବାବା ମାତା ଆର୍ ମଠର ଅନ୍ତେବାସୀମାନେ ରୀତିନୀତି ଅନ୍‌ସାରେ ବ୍ରହ୍ମପୂଜନ ସହେତେ ଶୂନ୍ୟଶରଣ ମାନ୍ୟକରି ଭୀମଭୋଇଙ୍କୁ ଅର୍ଘ୍ୟ ଦେଇଥିଲେ ।

ସନ୍ଥକବିଙ୍କର୍ ଜ୍ଞାନପୀଠ ଐତିହାସିକ ମହୁଲ୍‌ମୁଲ ବଲାସିଙ୍ଗା ମହିମା ଆଶ୍ରମ୍ ଠାନେ ମହିମା ବିକାଶ୍ ପରିଷଦ୍ ତର୍‌ଫୁ

ଭୀମଭୋଇ ଜୟନ୍ତୀ ପାଲିତ୍ ହେଇଯାଇଛେ । ପରିଷଦ୍ ସଭାପତି ବିଭୂତି ଭୂଷଣ୍ ପ୍ରଧାନ୍‌ଙ୍କର୍ ସଭାପତିତ୍ୱଥି ଜିଲ୍ଲାପାଲ୍ ସୁବ୍ରତ୍ ପଣ୍ଡା ଆର୍ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଅନ୍ତର୍ଜାତିୟ ସେବିକା ଦିବସ ଆର୍‌ଏନ୍‌ୟୁ

ସମ୍ବଲପୁର୍/ ବର୍‌ଗଡ଼୍/ ବୌଦ୍ଧ

ରୋଗୀସେବା ଦିଗେ ସେବିକାମାନ୍‌କର୍ ଉତ୍ସର୍ଗୀକୃତ ମନୋଭାବ୍‌କେ ସମ୍ମାନ୍ ଜନାବାର୍ ଲାଗି ଆଏଜ୍ ସାରା ପୁର୍‌ଥି ନ ପାଲନ୍ ହେଉଛେ ଅନ୍ତର୍ଜାତୀୟ ସେବିକା ଦିବସ୍ । ଇବଛର୍ ସେବିକା ଦିବସ୍‌ର ବାର୍ତା ହେଉଛେ 'ଉତମ୍ ସେବା ଦେବାର୍, ସମାନତା ସୁନିଶ୍ଚିତ କର୍‌ବାର୍, ବର୍‌କସ୍ ମାଧମ୍ ହେଉଛନ୍ ସେବିକା' । ଆଧୁନିକ୍ ନର୍ସିଂ ସେବାକେ ମୁଲ୍ କରିଥିବା ଫ୍ଲୋରେନ୍ସ ନାଇଟ୍‌ଏଙ୍ଗଲ୍‌ଙ୍କର୍ ଜନମ୍ ଦିନ୍ ମେ ମାସର୍ ୧୨ ତାରିଖ୍‌କେ ଗଲା ୧୯୬୫ ମସିହାନୁ ଅନ୍ତର୍ଜାତୀୟ ସେବିକା ପରିଷଦ୍‌ର ନିଷ୍ପତି ଅନ୍‌ସାରେ ଅନ୍ତର୍ଜାତୀୟ ସେବିକା ଦିବସ୍ ଭାବେ ପାଲନ୍ କରାଯାଉଛେ ।

ନର୍ସ ମାନ୍‌କର୍ ଅଧିକାର୍ ଆର୍ ସଂଘର୍ଷ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଜାତୀୟ ଅନ୍ତର୍ଜାତୀୟ ସ୍ତର୍‌ଥି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଇଛେ । ମୁଖ୍ୟମନ୍ତ୍ରୀ

ମୋହନ୍ ଚରଣ୍ ମାଝୀ ଇ ଅବ୍‌ସରେ ନର୍ସ ମାନେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାଥି ନୀରବ ଯୋଦ୍ଧା ବଲି କହିଛନ୍ । ଫି’ ଦିନ ସେମାନେ କରୁଣା, ଶକ୍ତି ଆଉ ସମର୍ପଣ୍ ଭାବ୍ ସହେତେ ସେବା କରି ଆସୁଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବର୍‌ଗଡ୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସହରର୍ ଯଦୁମଣି ପ୍ରେକ୍ଷାଳୟ ଠାନେ ଅନ୍ତର୍ଜାତୀୟ ସେବିକା ଦିବସ୍ ପାଲିତ୍ ହେଇଯାଇଛେ । ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର ମୁକେଶ୍ ମହାଲିଙ୍ଗ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସ୍ୱାସ୍ଥ୍ୟସେବା ଦିଗେ ସେବିକାମାନ୍‌କର୍ ଭୂମିକା ବାବ୍‌ଦେ ବୁଝେଇଥିଲେ । ଇ ଅବ୍‌ସରେ ଭଲ୍ କାମ୍ କରିଥିବା ଜିଲ୍ଲାର୍ ୩ ଝନ୍ ନର୍ସିଂ ଅଧିକାରୀଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ୍ କରିଥିଲେ ।

ବୌଦ୍ଧ ସେବିକା ପ୍ରଶିକ୍ଷଣ କେନ୍ଦ୍ର ଠାନେ ହେଇଥିବା ଅନ୍ତର୍ଜାତୀୟ ସେବିକା ଦିବସ୍‌ଥି ଭାରପ୍ରାପ୍ତ ସିଡିଏମ୍‌ଓ ଡାକ୍ତର୍ ମଦନ୍‌ମୋହନ୍ ପ୍ରଧାନ୍ ଯୋଗ୍ ଦେଇକରି ନିସ୍ୱାର୍ଥପର ଭାବେ ସେବା କର୍‌ବାର୍‌କେ ସେବିକାମାନ୍‌କୁ ପରାମର୍ଶ ଦେଇଥିଲେ ।

ବୁଦ୍ଧ ପୂର୍ଣ୍ଣିମା-ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବ୍ସରେ ବୌଦ୍ଧ ଜିଲ୍ଲା ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ବୌଦ୍ଧ ସହରର୍ ବୁଦ୍ଧ ବିହାର୍, ରାମ୍ଗଡ଼୍ ପଂଚାୟତ୍ , ପ୍ରଗଳପୁର ଆର୍ ସାମ୍ପୋଚ ପଂଚାୟତ୍ର ଶ୍ୟାମ୍ସୁନ୍ଦର୍ ପୁର୍ ଠାନେ ବୁଦ୍ଧ ଜୟନ୍ତୀ ପାଳିତ୍ ହେଇଯାଇଛେ । ଜିଲ୍ଲା ବୁଦ୍ଧ ଜୟନ୍ତୀ କମିଟି ତର୍ଫୁ ମହାନଦୀ ଆଲ୍ତୀ ଘାଟ୍ନୁ ସାମୂହିକ୍ ଆଲ୍ତୀ କରାଯାଇକରି ଗୁଟେ ଆଲୋଚନାଚକ୍ର ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ଜିଲ୍ଲାପାଲ୍ଙ୍କର୍ ସହେତେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ନୃସିଂହନାଥ-ଶ୍ରମିକ ପଞ୍ଜିକରଣ୍ ବର୍ଗଡ଼୍ ସମ୍ବାଦଦାତା

ବର୍ଗଡ଼୍ ଜିଲ୍ଲା ନୃସିଂହନାଥ ପୀଠ ନ ବୈଶାଖ୍ ମେଲା ଅବ୍ସରେ ଜିଲ୍ଲା ଶ୍ରମ ବିଭାଗ୍ ତର୍ଫୁ ନିର୍ମାଣ, ଅଣ ସଂଗଠିତ ଆଉ ଦାଦନ୍ ଶ୍ରମିକ୍ ମାନ୍କର୍ ପଞ୍ଜିକରଣ୍ ଆଉ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଶିବିର୍ଥି ଶହେ ୬୦ ଝନ୍ ଶ୍ରମିକଙ୍କର୍ ନାଁ ପଞ୍ଜିକରଣ୍ କରାଯାଇଥିଲା । ୩୦ ଝନ୍କୁ ନିର୍ମାଣ ଶ୍ରମିକ ପଞ୍ଜିକରଣ୍ କାର୍ଡ଼ ଦିଆଯାଇଥିଲା ।

ଖଣି ବିଭାଗ୍ ସମୀକ୍ଷା ବୈଠକ ହି.ସ.

ସୁବର୍ଣ୍ଣପୁର୍ ସାର୍କିଟ୍ ହାଉସ୍ ଠାନେ ଆଏଜ୍ ଜିଲ୍ଲା ପରିବହନ୍ ଆର୍ ଖଣି ବିଭାଗ୍ର ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍ଥି ଇସ୍ପାତ୍, ଖଣି ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନାଙ୍କର୍ ସହେତେ ଜିଲ୍ଲାପାଲ୍ ଆଉ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ମନ୍ତ୍ରୀ ଜିଲ୍ଲା ନ ରାସ୍ତା କାମ୍ମାନ୍କର୍ ସମୀକ୍ଷା କର୍ବାର୍ ସହେତେ ପରିବହନ୍ ବ୍ୟବସ୍ଥା ଠିକ୍ କର୍ବାର୍ ଲାଗି ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ/ମୌସୁମୀ ଆର୍ଏନ୍ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ୨୪ ଘଂଟା ଭିତ୍ରେ ଆଣ୍ଡାମାନ୍ ସାଗର୍ ଆର୍ ଦକ୍ଷିଣ ବଙ୍ଗୋପ୍ ସାଗର୍ ପୁହୁଁଚିବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ପୂର୍ବାନୁମାନ୍ କରିଛେ । ମୌସୁମୀ ବାୟୁ ଆଗ୍କେ ବଢ଼୍ବାର୍ ଲାଗି ପାଗ୍ ଅନୁକୂଳ ରହିଛେ ବଲି ବିଭାଗ୍ କହିଛେ ।

ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ନୂଆପଡ଼ା, ସୁନ୍ଦର୍ଗଡ୍, ଝାର୍ସୁଗୁଡ଼ା, ବର୍ଗଡ଼୍ ସହେତେ ୧୩ ଟା ଜିଲ୍ଲା ଆଉ ସମୁଦ୍ରଖଁଡ଼ି ଇଲାକାର୍ ଗୁଟେ / ଦୁଇଟା ଜାଗା ନ ଧୁକାଗର୍ଡ଼ି ସହେତେ ହାଲ୍କା ନୁ ମଧ୍ୟମ୍ ଧରଣ୍ ବର୍ଷା ହେଇପାରେ । ବାକି ଇଲାକାମାନ୍କେ ଖରା,

ଗରମ୍ ବଢ଼ିପାରେ ବଲି ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ ।